ISSN -2583-147X(P), Vol.- 8, Issue No. VI, September 2022
Bastabatara Pariprakash Prachee
*Peer Reviewed and Referred Research Journal*

ଚଉଦାଳୀର ଚଂଦ୍ରମୌଳି 'ନୀଳନିର୍ବାଣ' ପରିଚ୍ଛେଦର ଅଂଶବିଶେଷ

# ନୟନ ପଂଚକ

## ଡକ୍ଟର ସଂଜିତା ମିଶ୍ର

'ସୁନୟନା' ସମନୟନ କହ ।
ରମ୍ୟ ଈକ୍ଷଣ ମନ ଭରମ ଦହ ।
ବର୍ଣ୍ଣନ କରର ନଜର ଘର ।
ମଦନମଦ ହରଣକର ।

ଏମନ୍ତ ଏ ଅମ୍ବକ । ଅନନ୍ତ ରସଘନ ନୟନ ପଂଚକ ॥

କବି ସମ୍ରାଟ ଉପେନ୍ଦ୍ର ଭଂଜ 'ପ୍ରେମ ସୁଧାନିଧି' କାବ୍ୟର ଦ୍ୱିତୀୟ ଛାନ୍ଦଟିକୁ ଅବନା ନିୟମରେ ରଚନା କରିବା ସଂଗେ ସଂଗେ ନାରୀ ନୟନର ଯେଉଁ ଅନୁପମ ରୂପଦ୍ୟୁତି ବର୍ଣ୍ଣନା କରିଛନ୍ତି ତାହା କାବ୍ୟମୋଦୀ ମଧୁପମାନଙ୍କ ନିମନ୍ତେ ଚିରନ୍ତନ ଚକ୍ଷୁଚଷକରେ ରୂପାନ୍ତରିତ ହୋଇ ନିରବଧି ବିମଳ କାବ୍ୟରସ ପ୍ରଦାନ କରିବାରେ ସମର୍ଥ ହୋଇପାରିଛି । କାବ୍ୟ କବିତାର ଛ'ମାଣ ଆଠଗୁଣ୍ଠ ହେଉ କି ଛ'ଶହ ମାଣ ଆଠଶହ ଗୁଣ୍ଠ ପରିମିତ ବିଶାଳ ଭୂମି ହେଉ ତନ୍ମଧ୍ୟରେ ନୟନ ରୂପୀ ସୁରମ୍ୟଦୀଘିର ବର୍ଣ୍ଣନା ତ ଅବଶ୍ୟ ସ୍ଥାନ ପାଇବ । ପୁଣି କୁରଙ୍ଗ ନୟନାର ରକ୍ତରଂଗା ନୟନକୁ ଭାରି ଭୟ ଆମ କବିକୁଳଙ୍କର । ତେଣୁ କେତେ ଅନୁନୟଭରା କଣ୍ଠରେ କବିସମ୍ରାଟ କହିଥିଲେ,

"ନୟନ କୁରଙ୍ଗ ତୋର ସର୍ବ ସମତରେ ।
ନ କରିବୁଟି କୁରଙ୍ଗ କହୁଅଛି ବାରେ ଗୋ ।"
(ପ୍ରେମ ସୁଧାନିଧି - ପଂଚମ ଛାନ୍ଦ)

କୁରଙ୍ଗନୟନା, ଏଣୀନୟନା, ବାରିଜାକ୍ଷୀ, ବିଶାଳାକ୍ଷୀ, ଆୟତାକ୍ଷୀ, ଖଂଜନାକ୍ଷୀ ମଦିରାକ୍ଷୀ ଏମାନଙ୍କ ଖେଳାଲୋଳା ବିନା କ'ଣ କବି କର୍ମ କେବେ ସଂପୂର୍ଣ୍ଣ ହୁଏ ? ଚଉଦାଳୀର ଚଂଦ୍ରମୌଳି ଆଲୋଚ୍ୟ 'ନୀଳନିର୍ବାଣ' ମହାକାବ୍ୟରେ ସ୍ୱକୀୟ ଧର୍ମପତ୍ନୀଙ୍କ ନୟନକୁ ପୃଷ୍ଠଭୂମି କରି ପାଂଚଗୋଟି ଚଉଦାଳୀ ରଚନା କରିଛନ୍ତି । ଯେଉଁ ପଂଚ ଚଉଦାଳୀକୁ ଆମେ ନୟନ ପଂଚକ ରୂପେ ଗ୍ରହଣ କରିପାରିବା । କବି ଗିରିଜାଙ୍କ ନୟନ ପଂଚକ କବିସମ୍ରାଟଙ୍କ ଅବନାନିୟମରେ ରଚିତ ନେତ୍ର ବର୍ଣ୍ଣନା ପ୍ରସଙ୍ଗ ସ୍ମରଣ କରାଇ ଦେଲା । ସଖୀଏ କୋଶଳ ଦେଶର ରାଜକୁମାରଙ୍କ ନିକଟରେ ପ୍ରେମସୁଧାନିଧିଙ୍କର ନୟନ ବର୍ଣ୍ଣନା କରିଛନ୍ତି । ଆଷାଢ଼ ଶୁକ୍ଳବାଣୀରେ ରଚିତ ବିଂଶଗୋଟି ପଦ ବାସ୍ତବରେ ବର୍ଣ୍ଣନକର କବିସମ୍ରାଟଙ୍କର ଉଜ୍ଜ୍ୱଳ କବିତ୍ୱର ଦୀପ୍ତି ପ୍ରକଟିତ କରିବା ନିମନ୍ତେ ସମର୍ଥ । କବିଧୀର ଗିରିଜାକୁମାରଙ୍କ 'ଶୁଣ ସୁନୟନା', 'ସତରେ ସୁନୟନା', 'ଆଜି ମଧ୍ୟ ସୁନୟନା', 'ସୁନୟନା, ସୁନୟନା' ଏବଂ 'ଶେଷରେ ସୁନୟନା' ଶୀର୍ଷକରେ ରଚିତ ନୟନ ପଂଚକ କବି ପତ୍ନୀଙ୍କର ନୟନର ଅନ୍ତର୍ବର୍ଣ୍ଣ ବୈଭବର ବିଚ୍ଛୁରିତ ଜ୍ୟୋତିରାଶି ପ୍ରକାଶରେ ଯେପରି ଅନ୍ତରଙ୍ଗ ଆଳାପରେ ପରିପୂର୍ଣ୍ଣ, ତାହା ଯେ ଉତ୍ତର ଆଧୁନିକ ଓଡ଼ିଆ କବିତାକାଶରେ ଦେଦୀପ୍ୟମାନ ପାଂଚଗୋଟି ଉଜ୍ଜ୍ୱଳ ତାରକା ଏପରି କହିବା ଆଦୌ ସତ୍ୟର ଅପଳାପ ହେବ ନାହିଁ । ଏହି ସୌଭାଗ୍ୟବତୀ ସୁନୟନା ଯେ କବିପତ୍ନୀ ଏହି ସ୍ୱୀକାରୋକ୍ତି ପ୍ରକାଶ କରି କବି କୁହନ୍ତି, "ନୟନପଥଗାମିନୀ ସେ ସୁନୟନା । ଏମିତି କି ନୟନ ମୁଦିଲେ ବି ମନଅୟନରେ ଶୁଭୁଥାଏ ତାର ପାଉଁଜିପିଂଧା ଯୋଡ଼ିଏ ଲକ୍ଷ୍ମୀପାଦଶବ୍ଦ - ଯା' ଦିକାନର ଦୁଆରୁ ଯେ ଏକଇ ମନର ଅଳିଂଦନିଳୟକୁ କରିଥାଏ ରସାଳଂକୃତ । 'ନୀଳନିର୍ବଣ'ର ୧୦୮ ନାରୀଙ୍କ ମେଳର ମାଳରେ ଯେ ନିଜସ୍ୱ ସୁକଂଠିନାରୀ - ଏଇ ସଲଜ୍ଜ ସ୍ୱୀକାରୋକ୍ତି ଏଠୁ ।" ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଶ୍ରୀମାନ୍ ସାଇ ସଂତୋଷ ନାମରେ ଜଣେ ପ୍ରତିଭାବାନ କଣ୍ଠଶିଳ୍ପୀ 'ଶେଷରେ ସୁନୟନା' ଚଉଦାଳୀଟିର ସଂଗୀତ ରୂପ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମ ଜରିଆରେ ଲୋକାର୍ପଣ କରିବା ଅବସରରେ କବି ଉପରୋକ୍ତ ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ ।

ପ୍ରେମସୁଧାନିଧି ମଧ୍ୟ ଥିଲେ କୋଶଳାଧିପତିଙ୍କର ସୁକଂଠୀନାରୀ । ଅତଏବ ଜାୟାଙ୍କ ଉଦ୍ଦେଶ୍ୟରେ ରଚିତ ଏହି ନୟନପଂଚକ ଦାମ୍ପତ୍ୟ ପ୍ରେମର ଦିବ୍ୟାଲୋକ ପ୍ରଦାନ କରିବାରେ ସମର୍ଥ । କବି ଗିରିଜାକୁମାର ହେଉଛନ୍ତି ଅପାର୍ଥିବ ପ୍ରେମଚେତନାର କବି । କାବ୍ୟପୁରୁଷ ବିଶେଷତଃ ପୁରୁଷ ଏବଂ ପ୍ରକୃତିଙ୍କର ଆକର୍ଷଣ-

ବିକର୍ଷଣ, ମିଳନ-ବିରହ, ଆଶା-ନୈରାଶ୍ୟର ରୂପାୟନ କରିଥାଆନ୍ତି । ଅବଶ୍ୟ କବିଙ୍କର ସ୍ୱୀୟ ପାର୍ଥିବ ଜୀବନଟି ସମୟେ ସମୟେ ତନ୍ମଧ୍ୟରେ ପ୍ରତିଫଳିତ ହୋଇଥାଏ । ଏପରିକି କେତେକାଂଶରେ ଏହି ଦୁଇଟି ଚେତନା ଓତପ୍ରୋତ ମିଶ୍ରିତ ହୋଇ ଉତ୍ତୀର୍ଣ୍ଣ ଭାବାନୁଭୂତି ପ୍ରଦାନ କରିଥାଆନ୍ତି ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଆମ ଉତ୍କଳୀୟ କବିବର୍ଗ ସ୍ୱପ୍ରେମ ଏପରିକି ଦାମ୍ପତ୍ୟ ପ୍ରେମ ପ୍ରସଙ୍ଗ ରୂପାୟିତ କରିବା ନିମନ୍ତେ କୁଣ୍ଠାବୋଧ କରୁଥିଲେ । କେବେ ପୌରାଣିକ ଚରିତ୍ରମାନଙ୍କ ଆଢୁଆଳର ରହି ତ କେବେ କାଳ୍ପନିକ ନାୟକ-ନାୟିକାମାନଙ୍କ ନିର୍ମୋକ ମାଧ୍ୟମରେ ସ୍ୱ ସ୍ୱ ପ୍ରେମ-ଦଗ୍ଧ, ବିରହ ମଂଥିତ ହୃଦୟର ବାଣୀ ପ୍ରକାଶ କରୁଥିଲେ । ସର୍ବପ୍ରଥମେ ବ୍ୟାସକବି ଫକୀରମୋହନ ସେନାପତି ପତ୍ନୀ କୃଷ୍ଣାକୁମାରୀଙ୍କ ମୃତ୍ୟୁ ପରବର୍ତ୍ତୀ ଶୋକାକୁଳ ମନୋବେଦନାର ବିଧୁର ପ୍ରତିଲିପି ପ୍ରଦାନ କରି ସ୍ୱକୀୟାଙ୍କୁ ସମ୍ମାନଜନକ ଆସନ ପ୍ରଦାନ କରିଥିଲେ । ଭକ୍ତିମୟୀ କୃଷ୍ଣାକୁମାରୀଙ୍କ ନେତ୍ରରୁ ନିର୍ଗତ ଭକ୍ତିପୂତ ଅଶ୍ରୁବାରିର ସ୍ମରଣ ପୂର୍ବକ 'ଉପହାର' କବିତାରେ କବି ଲେଖନ୍ତି,

"ଦେଖୁଛି ସର୍ବଦା ନୀଳ ଆକାଶରେ ଇନ୍ଦୁ
ଫୁଟିଲା ଗୋଲାପ ଫୁଲେ ଶିଶିରର ବିନ୍ଦୁ
କମନୀୟ ଏ ସମସ୍ତ ନୁହେଁ ସେ ପ୍ରକାର
ଯେମନ୍ତ ସୁନ୍ଦର ଦିଶେ ତୁମ୍ଭ ନେତ୍ର ନୀର ।
ସେ ପ୍ରଶାନ୍ତ ମୂର୍ତ୍ତି ସେହି ମୁଦ୍ରିତ ନୟନ
ଜଣାଯାଏ ମୋତେ ବ୍ୟାପି ରହିଛି ଗଗନ ।"
(ସାହିତ୍ୟ ସାଧକ ଫକୀରମୋହନ - ଶ୍ରୀ ଚିନ୍ତାମଣି ଦାଶ)

ଓଡ଼ିଆ କବିମାନଙ୍କର କୃତିରେ ନାରୀ ନୟନର ନୀରାଜନା ସ୍ୱତନ୍ତ୍ର ଅଧ୍ୟୟନର ଅପେକ୍ଷା ରଖେ । ତେବେ କବି ଗିରିଜାଙ୍କ 'ନୟନ ପଂଚକ'ରେ ସ୍ଥାନିତ ପଂଚ ଚୌଦାଳିକାର ବିଶ୍ଳେଷଣ ପୂର୍ବରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରଚିତ 'ନୟନର ଭାଷା' ସନେଟ୍ ସଂପର୍କରେ ସାମାନ୍ୟତମ ସୂଚନା ପ୍ରଦାନ କରିବା ଆବଶ୍ୟକ ମନେ ହୁଏ । କାରଣ ଓଡ଼ିଆ ସନେଟ୍‌ର କ୍ରମ ବିକାଶ ଦୃଷ୍ଟିରୁ ବିଚାର କଲେ ପଲ୍ଲୀକବିଙ୍କର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସନେଟ୍‌ର ଭାବଧର୍ମ ଏବଂ ରୂପତତ୍ତ୍ୱ ଉଭୟର ସୁରକ୍ଷା ନିମନ୍ତେ କବି ବଳ ସଯତ୍ନ ପଦକ୍ଷେପ ଗ୍ରହଣ କରିଥିଲେ । 'ବସନ୍ତ କୋକିଳ' ସଂକଳନସ୍ଥ 'ନୟନର ଭାଷା' ସନେଟ୍‌ରେ କବି କହନ୍ତି ଯେ ନିତାନ୍ତ କୋମଳ ତଥା ତରଳ ଅନୁଭବ ରାଜି ପ୍ରେମମୟ ହୃଦୟରୁ ସ୍ଫୁରିତ ହୋଇଥାଏ ଏବଂ ସେହି ଅନ୍ତଃସ୍ଥଳର ଭାଷାକୁ ମାନବ ସୃଷ୍ଟ ଶବ୍ଦରାଜି ପ୍ରକାଶ କରିବା ନିମନ୍ତେ ଅକ୍ଷମ ହୋଇଥାଆନ୍ତି । ତେଣୁ ନୟନର ଭାଷା ମାଧ୍ୟମରେ ତାହା ପ୍ରକାଶିତ ହୋଇଥାଏ । କବିଙ୍କ ଭାଷାରେ-

"ଅତି ସୂକ୍ଷ୍ମ, ପ୍ରେମ ତାହା ନ ସହଇ ଭାଷା
ବାକ୍ୟ ପ୍ରକାଶିତ ପ୍ରେମେ ନ ମେଣ୍ଟଇ ଆଶା
ମେଣ୍ଟାଇବା ଲାଗି ପ୍ରାଣ-ପ୍ରଣୟ ପିଆସୀ
କ୍ଷଣ ମାତ୍ର ପ୍ରଣୟିନୀ - ନୟନର ଭାଷା ।"
(ନନ୍ଦକିଶୋର ଗ୍ରନ୍ଥାବଳୀ - ପୃ. ୧୮୫)

ପ୍ରଣୟିନୀଙ୍କର ନୟନାଭିସାରରେ ନିୟୋଜିତ ରହିଛନ୍ତି ପ୍ରେମ ଓ ପ୍ରଣୟର କବି ମାୟାଧର ମାନସିଂହ । ତାଙ୍କର ରଚିତ ଦୁଇଗୋଟି କବିତା 'ପ୍ରିୟଚକ୍ଷୁ' ଓ 'ଧରାବତରଣ'ରେ ଉଭୟ ନୟନର ଏବଂ ପ୍ରେମର ଯେଉଁ ପରିଭାଷା ପ୍ରଦତ୍ତ ତା'ର ସମ୍ୟକ ସୂଚନା ପ୍ରଦାନ ଆବଶ୍ୟକ ମନେହୁଏ । ଅସୀମ ଆକାଶକୁ ସେହି ପ୍ରିୟ - ଚକ୍ଷୁ ମଧ୍ୟରେ ସସୀମ କରିଛନ୍ତି କବି । 'ପ୍ରିୟ-ଚକ୍ଷୁ' ସନେଟ୍‌ର ପ୍ରଥମ ପଦରେ କବି ମାନସିଂ କୁହନ୍ତି,

"ନେତ୍ର ଟେକ, ଟେକ ନେତ୍ର - ଅସୀମ ଆକାଶ
ସସୀମ ହୋଇଛି ତହିଁ, ମନ୍ଦ-ମୁଗ୍ଧ ହାସ
ଚିରନ୍ତନ ଜ୍ୟୋତ୍ସ୍ନା ସମ ଖେଳୁଥାଏ ତହିଁ
କା ଲାଗି ହେ ମୁଗ୍ଧ ବଧୂ ପାରିବ କି କହି ।"
(ହେମଶସ୍ୟ - ପୃ. ୧୫୬)

କବି ଅନନ୍ତ ଆକାଶର ବ୍ୟାପ୍ତି ଓ ବୈଚିତ୍ର୍ୟ ପ୍ରଣୟିନୀଙ୍କର ନୟନ ଯୁଗଳ ମଧ୍ୟରେ ଅବଲୋକନ କରି ତନ୍ମଧ୍ୟରେ ଜ୍ୟୋତ୍ସ୍ନା ବିଧୌତ ରଜତ ରାତ୍ରିର ମୁଗ୍ଧ କିରଣ ଅନୁଭବ କରିବା ସମୟରେ କବି ଗିରିଜାକୁମାର ପତ୍ନୀଙ୍କର ଦୁଇଗୋଟି ଦୁଃଖୀ ନୟନ ମଧ୍ୟରେ ଆଶ୍ୱିନର ଓଦାଓଦା ଆକାଶକୁ ଭେଟିଛନ୍ତି । ସନେଟ୍‌ସମ୍ରାଟଙ୍କର କାବ୍ୟିକ କାରୁଲିପିକୁ ଅନେକ ସମୟରେ ମାୟାଧର ମାନସିଂହଙ୍କ କୃତି ସହ ତୁଳନା କରାଯାଇଛି ଏବଂ ଗଭୀର ଅଧ୍ୟୟନ ନ କରି ଉଭୟଙ୍କ ମଧ୍ୟରେ ଚିଂତା ଚେତନାଗତ ସାମ୍ୟ ରହିଛି ଏପରି ମଧ୍ୟ କୁହାଯାଇଛି । ହେଲେ କବି ଗିରିଜା କୌଣସି ପୂର୍ବସୂରୀଙ୍କର ପ୍ରତିଛବି ନୁହଁନ୍ତି । ଉତ୍କଳୀୟ କାବ୍ୟ ପରଂପରାର ସାଂସ୍କୃତିକ ସତ୍ତ୍ୱ ଅବଶ୍ୟ ତାଙ୍କ ସୃଜନ ସଂପଦର ନିଃସର୍ତ୍ତ ସତ୍ୱ କିନ୍ତୁ କୌଣସି ଦେଶୀ ବା ବିଦେଶୀ କବିଙ୍କ ଛାୟା କିମ୍ବା ପ୍ରଭାବର ପ୍ରେରଣା ତାଙ୍କୁ ପରିଚାଳିତ କରିନାହିଁ ।

ତେଣୁ କବି ମାନସିଂହ ପ୍ରଣୟିନୀଙ୍କର ସ୍ଥିର ନେତ୍ର ମଧ୍ୟରେ ଅନନ୍ତ ସୁଷମା ଅବଲୋକନ କରି ଅଙ୍ଗୁଳିର ଚାଳନା ମଧ୍ୟରେ ଏବଂ ଓଷ୍ଠ ଧାରରେ ସେ ରୂପକୁ ଶଙ୍ଖୁଳି ଆଣିବା ବେଳେ, କବି

ବଳୀୟାରସିଂହ ଦୀର୍ଘବର୍ଷ ବାସ ବିତାଇଥିବା ସେହି ଦୁଇ ନୟନ ନିକଟରୁ ନୀଳ ନୀଳ ନିଦର ନିର୍ବାଣ କାମନା କରିଛନ୍ତି ।

ଓଡ଼ିଆ କବିତାର ଉଦ୍ଦାମ ଯାତ୍ରାପଥରେ ନୟନକୁ ନେଇ ଲେଖାଯାଇଥିବା କବିତାବଳୀ ମଧ୍ୟରେ ମାନସିଂହଙ୍କର 'ଧରାବତରଣ'ର ସ୍ଥାନ ସ୍ୱତନ୍ତ୍ର । କବି ମାନସିଂ କିଶୋରୀନୟନର ପ୍ରଥମଚାହାଣିକୁ ସ୍ମରଣ କରି ସାତଗୋଟି ସ୍ତବକ ରଚନା କରନ୍ତି । ତନ୍ମଧ୍ୟରୁ ଶେଷ ଦୁଇ ସ୍ତବକର ଉପସ୍ଥାପନା ଏଠାରେ ଏକାନ୍ତ ଆବଶ୍ୟକ ମନେହୁଏ ।

"ଧନ, ମାନ, ପରିବାର, ଜୀବନର - ଆହବେ ବିଜୟ
ସବୁ ଆଜି ସ୍ମୃତି ତଳେ ହୋଇଯାଏ ଧୀରେ ଧୀରେ ଲୟ,
ସବୁ ଯାଇ ରହିଯାଏ କେବଳ ସେ କେମନ୍ତ କେଜାଣି
ମୁଗଧା ଏକ କିଶୋରୀର ଲାଜ-ପ୍ରେମ-ମଧୁର ଚାହାଣି ॥୬॥
ନିଷ୍ପାପ ସେ ସ୍ୱପ୍ନମୟ, ରସମୟ ବିମଳ ଦି ଆଖି
ପ୍ରାଣର ଦି ବାତାୟନ, ଅନ୍ତରର ସତ୍ୟବାହୀ ସାକ୍ଷୀ
ପାଇବାକୁ ସେ ଦୁଇର ପରିପୂର୍ଣ୍ଣ ଆତ୍ମ ସମର୍ପଣ
ହେ ସଖୀ, କରୁଛି ମୁଁ କି ଜନ୍ମେ ଜନ୍ମେ ଧରାବତରଣ ॥"

(ହେମଶସ୍ୟ - ପୃ. ୧୬୬)

ଯେଉଁ ଦୁଇଟି ଆଖିର ପରିପୂର୍ଣ୍ଣ ଆତ୍ମ ସମର୍ପଣ ଲାଭ କରିବା ନିମନ୍ତେ କବି ମାନସିଂ ଜନ୍ମ ଜନ୍ମାନ୍ତରରେ ଧରାବତରଣ କାମନା କରିଥିଲେ କବିଧୀର ଗିରିଜାକୁମାର ସ୍ୱର୍ନାରୀ ସୁନୟନାଙ୍କ ନୟନ ମଧ୍ୟରେ ସତେ ଅବା ସେହି ପରିପୂର୍ଣ ଆତ୍ମସମର୍ପଣ ଅନୁଭବ କରିପାରିଛନ୍ତି । ତେଣୁ ନୟନ ପଂଚକର ଅନ୍ତିମ ସ୍ତବକ 'ଶେଷରେ ସୁନୟନା'ରେ କବି କହିଛିନ୍ତି-

"ଓଠରେ ଓହ୍ଲାଏ ପୁଷ । ଫିକା ଆଜି ଗାଲର ଗୋଧୂଳି
ବୟସର ବେଳବୁଡ଼େ ଆଜି ଏଠି ଛାଇ ଲେଉଟାଣି
ଆଜି ମଧ୍ୟ ଅନେଇଚ ବାଟ ମୋର ଦୁଃଖତକ ଭୁଲି...
ଅଥଚ ଆକ୍ଷିରେ ତୁମ ଆଜି ମଧ୍ୟ ମରିନାହିଁ ପାଣି !"

(ନୀଳନିର୍ବାଣ)

ମାନସିଂ ନୟନ ବର୍ଣ୍ଣନାରେ ଥିଲା ନୀଳ - ଆକର୍ଷଣ କିନ୍ତୁ ବଳୀୟାରସିଂହଙ୍କ ନୟନ ବର୍ଣ୍ଣନାରେ ଅଛି ନୀଳ ତିରସ୍କାର । ତେଣୁ କବି କୁହନ୍ତି-

"ଆଜି ମଧ୍ୟ ତୀକ୍ଷ୍ଣ ଅତି ସେ ଆକ୍ଷିର ନୀଳ ତିରସ୍କାର
ଅନୁଚିତ ଆକାଂକ୍ଷା ମୋ ଫିଂଗିଦିଏ - ଯେତେ ଛଦ୍ମବେଶ ।"

(ତତ୍ରୈବ)

ସବୁଜଯୁଗର ସଜୀବ ଆଭାସ ଅଂକନ କରି ଓଡ଼ିଆକବିତାକୁ ପ୍ରେମ ଛଳଛଳ ସଜଳ ଆଶ୍ଳେଷ ପ୍ରଦାନ କରିଥିବା କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ଦୁଇଟି କଳା ଆଖି' ଓଡ଼ିଆ କବିତା କାରୁବାକୀଙ୍କ ଶରୀରରେ ଶୋଭିତ ଅନ୍ୟତମ ନୟନାଧାରିତ ରଚନା । 'ମହାଦୀପ' କବିତା ସଂକଳନରେ ସ୍ଥାନିତ ଏହି କବିତାଟିର ରଚନାକାଳ ସଂପର୍କରେ ସୂଚନା ଗ୍ରହଣ କରିବା ସମ୍ଭବ ହୋଇ ନଥିଲେ ହେଁ ଏହା ସ୍ୱାଧୀନତା ପରବର୍ତ୍ତୀକାଳୀନ କୃତି ବୋଲି ମନେ କରାଯାଏ କାରଣ 'ମହାଦୀପ' ସଂକଳନର ପ୍ରକାଶନ କାଳ ୧୯୪୮ ମସିହା । 'ଧରାବତରଣ' କବିତାରେ କବି ମାନସିଂ ଯେପରି ଜୀବନର ଶେଷ ଧାପରେ ସ୍ମୃତିର ଭଣ୍ଡାର ଖୋଲି ମହାର୍ଘ ଅନୁଭବ ରାଜିକୁ ବାଛି ନେବା କାଳରେ କିଶୋରୀ ନୟନ ଦ୍ୱୟର ଲାଜ-ପ୍ରେମ-ମଧୁର ଚାହାଣିକୁ ଶ୍ରେୟ ମଣି ସେହି ଦୁଇଟି ନୟନର ପରିପୂର୍ଣ୍ଣ ଆତ୍ମସମର୍ପଣ ଲାଭ କରିବା ନିମନ୍ତେ ବାରବାର ଧରାବତରଣ କରିବାର ମୁଗ୍ଧ ଜିଜ୍ଞାସା ପ୍ରକାଶ କରିଛନ୍ତି, ଅନୁରୂପ ଭାବନା ରହିଛି କାଳିନ୍ଦୀ ଚରଣଙ୍କ 'ଦୁଇଟି କଳା ଆଖି' କବିତାରେ । କବତାର ପ୍ରାରମ୍ଭ ପଦରେ କବି କୁହନ୍ତି-

"ନ ପଡ଼େ ମନେ ଆଜି ଦେହର ଶୋଭା
ନାସାର ନିଃଶ୍ୱାସ ଅଧର- ଜବା
କଟିର ଚାରୁ ଗତି ଭୁରୁର ଛାୟା
କପଟ ହୀନ କଥା ବେଣୀର ମାୟା
କରର ସୁକୋମଳ ପରଶ
ଜୀବନ କଲା ଯେବେ ସରସ
ସେଦିନ କଥା ଆଜି ପାସୋର ନାହିଁ ହେଲା
ସକଳ କାଳ ଯେବେ କାଟିଲି କରି ହେଳା ?
ନିଭିଚି ସବୁ ମନୁଁ ରହିଚି ଯାହା ଲାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି ।"

(ମହାଦୀପ - ପୃ. ୧୧)

ଏହି ଅନୁପମ ନୟନ ନିକେତନ କବିତାଟିର ଚତୁର୍ଥ ପଦରେ କବି କୁହନ୍ତି ଯେ ସେହି ଅନୁରାଗିଣୀ ନାୟିକାଟି ଅନୁପମ ଦାନ ପ୍ରଦାନ କରିବାରେ କେବେ ଊଣା କରିନାହିଁ । ଅନେକ ସୁଖ ରାଶି ସଜାଡ଼ି ଦେଇଛି ପୁଣି ଅନେକ ଦୁଃଖଦ ମୁହୂର୍ତ୍ତରେ ଲୁହ ଅଜାଡ଼ି ଦେଇଛି । କବିଙ୍କ ବ୍ୟଥାର ଉହାଡ଼ରେ ଛପି ରହିଥିବା ଗଭୀର ଆଶା ଥିଲେ ସେହି ନାୟିକା । ପୁନଶ୍ଚ ଶ୍ରାବଣାକାଶର ମେଘ ତଳେ ଲୁଚି ରହିଥିବା ଶଶି ସହ କବି ତାଙ୍କୁ ତୁଳନା କରିଛନ୍ତି । ସେହି ପ୍ରୀତିମୟୀ ନାୟିକା ଏକଦା କବିଙ୍କ ହସ୍ତରେ ଶ୍ରାବଣପୂର୍ଣ୍ଣିମାରେ ରାକ୍ଷୀ ବାନ୍ଧି ଉଭୟଙ୍କ ମଧ୍ୟରେ ଥିବା ସଂପର୍କକୁ ଗୋଟିଏ ସାଂସ୍କୃତିକ ପରିଚୟ ମଧ୍ୟରେ ପରିଭାଷିତ କରିବାର ପ୍ରୟାସ କରିଥିଲେ ।

କେଉଁ ଅଜଣା ଦେଶରେ ଏବେ ସେ ନାୟିକା ସଂଗୋପିତା ତାହା କବି ମନେ ରଖି ନାହାନ୍ତି । କବି ମଧ୍ୟ ବୁଝି ପାରିନାହାନ୍ତି ପ୍ରଣୟର ସେ ପରିଭାଷାଟିକୁ । ଏହା ଛଳନାର ଛାୟା ନା ମୋହିନୀ ନୟନର ମାୟା । ବିଶ୍ୱମାନସରେ ବିକାର ସୃଜି ମଧ୍ୟ ହୃଦଚକ୍ଷୁରେ ମଧୁରତା ଭରି ଦେଉଥିବା ପୁଣି ଶରୀରରେ ତୃଷ୍ଣାଗ୍ନି ସଂଯୋଜିତ କରୁଥିବା ସେହି ନୟନ ଦ୍ୱୟକୁ ପୁନଃପୁନଃ ସ୍ମରଣ କରି କବି କୁହନ୍ତି-

"ବିଶ୍ୱ ମାନସରେ ବିକାର ସୃଜି
କି ସୁରା ଢାଳିଦିଏ ନୁହଇ ବୁଝି
ପାତ୍ର ପୂରି ମୋର ଉଚ୍ଛୁଳେ
ଗାତ୍ର ଜଳିଉଠେ ଆକୁଳେ
କଣ୍ଠେ ବଢ଼େ ତୃଷା ଶିର ମୋ ଯାଏ ତାତି
ତପତ ନୁହେଁ ଆଶା ବଥାଏ ବେଶି ଛାତି
ଶୁଷ୍କ ଏ ରସନା ସୁରାର ରସ ଚାଖି
ଦୁଇଟି ଆଖି ତାହା ଦୁଇଟି କଳା ଆଖି ।"
(ତତ୍ରୈବ)

ଏହିପରି ନୟନର ଜୟଗାନ ଓଡ଼ିଆ କବିତାର ଅୟନ ମଧ୍ୟରେ ବାରବାର ଶ୍ରୁତ ହୋଇଛି ।

'ନୀଳନିର୍ବାଣ' ନାମ୍ନୀ ମହାକାବ୍ୟମୟୀ ଚଉଦାଳୀ ସଂକଳନରେ ସ୍ଥାନିତ ନୟନପଂଚକ ଓଡ଼ିଆ କବିତାର ଯାତ୍ରାପଥରେ ଅପୂର୍ବ ସଂଯୋଗ । 'ନୟନର ଭାଷା', 'ପ୍ରିୟ ଚକ୍ଷୁ', 'ଧରାବତରଣ', 'ଦୁଇଟି କଳା ଆଖି' ଆଦି ନୟନଗୋଚର କବିତାମାନଙ୍କ ମଧ୍ୟରେ 'ଶୁଣ ସୁନୟନା', 'ସତରେ ସୁନୟନା', 'ଆଜି ମଧ୍ୟ ସୁନୟନା', 'ସୁନୟନା, ସୁନୟନା' ଓ 'ଶେଷରେ ସୁନୟନା' ଉଲ୍ଲେଖ ଯୋଗ୍ୟ ସ୍ଥାନ ଅଧିକାର କରେ । କବି ଗିରିଜାକୁମାର ସନେଟ୍‌ର ଧାରାକୁ ସ୍ୱକୀୟ ତଥା ଉତ୍କଳୀୟ ମାର୍ଗାଭିମୁଖୀ କରି ଚଉଦାଳୀରେ ରୂପାନ୍ତରିତ କରି ସାରିଛନ୍ତି । ତେବେ ଏହି ନୟନପଂଚକର ସମୀକ୍ଷା କାଳରେ ପ୍ରଖ୍ୟାତ ନାଟ୍ୟକାର ଓ କବି ଉଇଲିୟମ୍ ସେକସପିୟରଙ୍କ ସନେଟ୍ ସ୍ୱତଃ ସ୍ମରଣକୁ ଆସିଥାଏ । ୧୬୦୯ ଖ୍ରୀଷ୍ଟାବ୍ଦରେ ତାଙ୍କ ରଚିତ ୧୫୪ ଗୋଟି ସନେଟ୍ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ କାଳରେ ସନେଟ୍ ଧାରାଟି ସମଗ୍ର ବିଶ୍ୱର ଅନେକାନେକ ଦେଶର ବିଭିନ୍ନ ଭାଷାଭାଷୀ କବି ବର୍ଗଙ୍କୁ ଆକୃଷ୍ଟ କରିବା ପଶ୍ଚାତ୍‌ରେ ଏହି ମହାନ୍ ସାହିତ୍ୟିକଙ୍କର ଅବଦାନକୁ ଅବଶ୍ୟ ସ୍ମରଣ ରଖିବା ଉଚିତ । ତାଙ୍କ ରଚିତ ସନେଟ୍ ୪୬, ୪୭ ଓ ସନେଟ୍ ୧୩୦ ମଧ୍ୟରେ ନୟନ ବର୍ଣ୍ଣନା ଦୃଶ୍ୟ ହୋଇଥାଏ । ସନେଟ୍ ୪୬, ୪୭ ରେ କବି ଆଖି ଏବଂ ହୃଦୟ ମଧ୍ୟରେ ପ୍ରିୟତମାଙ୍କୁ ସ୍ଥାନ ଦେବା ନିମନ୍ତେ ଯେଉଁ ଦ୍ୱନ୍ଦ୍ୱ ଲାଗି ରହିଚି ତାହାର ରୂପାୟନ କରିଛନ୍ତି । ଚକ୍ଷୁ ରୂପର ପ୍ରତିଛବି ବହନ କରିଥିବା ସମୟରେ ହୃଦୟ ଭାବାବେଗର ଉତ୍ପତ୍ତି କ୍ଷେତ୍ର । କବି ଗିରିଜାକୁମାରଙ୍କ 'ନୟନ ପଂଚକ'ରେ କିନ୍ତୁ ଏପରି କୌଣସି ଦ୍ୱନ୍ଦ୍ୱର ସ୍ଥାନ ନାହିଁ । କିନ୍ତୁ 'ସନେଟ୍ ୧୩୦' ସହ ଭିନ୍ନ ଦୃଷ୍ଟିକୋଣରୁ ଏହାର ସାମ୍ୟ ପରିଲକ୍ଷିତ ହୋଇଥାଏ ।

ସେକ୍‌ସପିୟରଙ୍କ 'ସନେଟ ୧୩୦' ସମ କବି ଗିରିଜାଙ୍କ ସୁନୟନା ମଧ୍ୟ ସଂପୂର୍ଣ୍ଣ ସ୍ୱତନ୍ତ୍ର । କବି ପ୍ରଗାଢ଼ ପ୍ରେମ, ଅନ୍ତଃହୀନ ପ୍ରତୀକ୍ଷା, ଅନୁରାଗମୟ ମିଳନ, ନିଃସର୍ତ୍ତ ଆତ୍ମସମର୍ପଣ ଏବଂ ନିବିଡ଼ ଆଲିଙ୍ଗନର କଥା ବ୍ୟକ୍ତ କରିଛନ୍ତି । ଏପରିକି ସେ ଆଖି ଦ୍ୱୟର ଅନୁଶାସନ ଏବଂ ନୀଳ ତିରସ୍କାରରେ କବି ଯେ ଯେତେ ସବୁ ଅନୁଚିତ ଆକାଂକ୍ଷା ତାହା ବିସର୍ଜନ କରିଥାଆନ୍ତି ଏପରି ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି । ସେହି ଦେଦୀପ୍ୟମାନ ଚକ୍ଷୁ ଯେମନ୍ତ କବିଙ୍କ ନିମନ୍ତେ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ । ପାବନ ପାବକ ସମ୍ମୁଖରେ ସ୍ୱୀୟ ଜୀବନର ଦୁର୍ବଳତା ମଧ୍ୟ ପ୍ରକାଶ କରିଛନ୍ତି କାବ୍ୟପୁରୁଷ ଏବଂ ସ୍ପଷ୍ଟ କହିଛନ୍ତି ଯଦି ସେହି ନୟନରୁ କେବେ ପ୍ରେମର ଜ୍ୟୋତିରେଖା ଦୂର ହୋଇଯାଏ ତେବେ ସେହି ନୟନାଗ୍ନିରେ ପତଙ୍ଗ ପାଲଟିବା ହେବ ତାଙ୍କର ଭବିତବ୍ୟ । ତମାମ୍ କବିତାର ଭୂମିରେ ନାୟିକା ନଈ ଆଉ ନାୟକ ସମୁଦ୍ର । ଅଥଚ କବି ଗିରିଜାଙ୍କ ଅତୁଳ୍ୟ କବିତ୍ୱରେ ନାୟିକାର ନୟନ ଉଦଧି । ମହୋଦଧି । ନୟନୋଦଧି ॥ କବି ସେହି ଅମାପ ପ୍ରେମ, ଅସୀମ କରୁଣା, ଅକଳନ ମମତାରେ ନିଖୋଜ ନ ହୋଇ ସ୍ୱ ଅସ୍ତିତ୍ୱ ଘେନି ବଂଚିପାରନ୍ତି । ସେଇ ମମତାର ସମୁଦ୍ର ହିଁ ତାଙ୍କୁ ତୁହାଇ ତୁହାଇ ଡାକେ 'ଫେରିଆ', 'ଫେରିଆ' । ତେଣୁ ନିଖୋଜ ହୋଇଯାଏ ଯେତେସେବୁ ନିଖୋଜ ହେବାର ଅମାନିଆ ଅଭିମାନ ।

'ସନେଟ୍ ୧୩୦'ର ବିଶେଷତ୍ୱ ହେଉଛି ଏଥିରେ କବି ସେକ୍‌ସପିଅର ତାଙ୍କ ଶ୍ରୀମତୀଙ୍କର ରୂପଶ୍ରୀର ଭ୍ରାନ୍ତ ପ୍ରଶସ୍ତି ଗାନ କରିନାହାନ୍ତି । ତାର ପ୍ରଥମ ପାଦରେ କବି କୁହନ୍ତି, "My mistress' eyes are nothing like the sun;" ଶ୍ରୀମତୀଙ୍କର ଆଖି ଦୁଇଟି ସୂର୍ଯ୍ୟଙ୍କ ସମ ଜ୍ୟୋତିର୍ମୟ ନୁହେଁ - ଏପରି କହିବା ପାଇଁ ସାହସ କରି ତ୍ରୁଟିପୂର୍ଣ୍ଣ ତୁଳନାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ କାଳଜୟୀ ମହାନ ନାଟ୍ୟକାର । କବି ଗିରିଜାଙ୍କର ବିଶେଷତ୍ୱ ହେଉଛିଯେ ସେ କାହାରିକୁ ଅନୁସରଣ କରନ୍ତି ନାହିଁ । ଖୋଜ ଖୋଜିଖୋଜି ଚାଲିବା ତାଙ୍କୁ ଜଣାନାହିଁ ଆଦୌ । ନୟନ ପଂଚକର ବିଶେଷତ୍ୱ ମଧ୍ୟ ସତ୍ୟକଥନ । କଥା ଶିଳ୍ପୟିତ୍ରୀ, ଅନୁବାଦିକା ଡାକ୍ତର ବିଜୟଲକ୍ଷ୍ମୀ ବଳୀୟାରସିଂହ କବିଙ୍କର ଧର୍ମପତ୍ନୀ ଓ ନୟନ ପଂଚକର ନାୟିକା । ଶରତଚନ୍ଦ୍ର ମୁଖାର୍ଜୀଙ୍କର ସମସ୍ତ କ୍ଷୁଦ୍ରଗଳ୍ପର ଓଡ଼ିଆ ଅନୁବାଦ କରିବା

ପରେ ଅନୁବାଦିକା ସ୍ୱାମୀଙ୍କ ହସ୍ତରେ ପୁସ୍ତକଟି ଅର୍ପଣ କରି ଲେଖନ୍ତି,

"ଜୀବନ ପାତ୍ର ମୋ ଭରିଚି କେତେ ମତେ"

ତମକୁ କିଛି ଦେବାକୁ ଭାବିଲେ ଏଇ ଧାଡ଼ିକ ମନେପଡ଼େ ।
ମତେ ତମେ ଅନେକ ଦେଇଛ, ମୁଁ ବା କ'ଣ ଦେଇପାରିବି ?
ଆନ୍ତରିକ ଭାବରେ ଯଦି ଗ୍ରହଣ କରିବ, ତେବେ ଶ୍ରମ ସାର୍ଥକ
ହେଲା ଭାବିବି । - ବିଜୟଲକ୍ଷ୍ମୀ
('ଶରତଚଂଦ୍ରଂକ ସବୁଗପ' ପୁସ୍ତକର ଉତ୍ସର୍ଗପତ୍ରରୁ ସଂଗୃହୀତ)

ଅଥଚ କବି ଯେଉଁ ନୟନ ଦୁଇଟିର ନୀରାଜନାରେ ପରିପୂର୍ଣ୍ଣ ଆତ୍ମସମର୍ପଣ କରନ୍ତି ସେ ନୟନରେ କେବଳ ଦୁଃଖ ଆଉ ଅଶ୍ରୁ ହିଁ ଦେଖିପାରିଛନ୍ତି । ସେ ଦୁଃଖର କାରଣ ରୂପେ ମଧ୍ୟ ନିଜର ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥୀ ହୋଇ ଅନ୍ତିମ ପଂଚକରେ ଲେଖିଛନ୍ତି,

"ଶେଷରେ ଗୋ ସୁନୟନା, ରହିଯାଏ ଛାତିରେ ଅଟକି
ଶୀତବୋଳା ଦୀର୍ଘଶ୍ୱାସ - ଗ୍ରୀଷ୍ମଗୋଳା ଚାପା ଦୁଃଖଟିଏ
ଅତୀତରେ ଦେଇଥବା କଥା କିଛି ପାରିଲିନି ରଖି...
କ୍ଷମା ଦିଅ ସେଥିପାଇଁ, ଛୁଇଁ ଦିଅ ଟିପରେ ଟିକିଏ ।"
(ଶେଷରେ ସୁନୟନା - ପୃ. ୧୨୨ - ନୀ.ନି)

ଅତଏବ ସୁନୟନା ହିଁ ସୁନୟନାଙ୍କ ଉପମା । ଚକ୍ଷୁର ଚଷକ ଧାରଣ କରି ରୂପର ମଦିରା ପାନ କରିନାହାନ୍ତି କବି । ମନଶ୍ଚକ୍ଷୁ କି ଦିବ୍ୟଚକ୍ଷୁ ନୁହେଁ ଜଣେ ପ୍ରକୃତ ସ୍ୱାମୀ ବା ମଣିଷ ଗାର୍ହ୍ୟସ୍ଥ ଜୀବନର ପ୍ରାତ୍ୟହିକ ଜଂଜାଳ ମଧ୍ୟରେ ଯେଉଁ ଅନ୍ତରଙ୍ଗ ଦୃଷ୍ଟିରେ ଗୃହଲକ୍ଷ୍ମୀକୁ ଅବଲୋକନ କରିବା କଥା ତାହା ହିଁ କରିପାରିଛନ୍ତି କବି । କନ୍ୟାରୁ ବଧୂ-ପତ୍ନୀ ଏବଂ ସର୍ବୋପରି ମାଆରେ ରୂପାନ୍ତରିତ ହେବାର ପଥଟା ଅତ୍ୟନ୍ତ ପଥୁରିମାପୂର୍ଣ୍ଣ । ସେଠି ସୁନାକୁଲେଇ କି ରୁପା କୁଲେଇ ନଥାଏ, କି ଚାନ୍ଦ ଖୋଜି ଆଣିବାର ପ୍ରତିଶ୍ରୁତି ମଧ୍ୟ ନ ଥାଏ । ଘନ ତମିସ୍ରା ମଧ୍ୟରେ ଘରକୁ ମଣି ମଣି ଏକାକୀ ପଥ ଚାଲିବାର ଦୀର୍ଘ ନିଃଶ୍ୱାସ ବ୍ୟତୀତ କିଛି ସାହାରା ବି ନଥାଏ । ଭାତ ଆଉ ଲୁଗା ବଂଚିବା ପାଇଁ ଆବଶ୍ୟକ, ଜୀବନ ପାଇଁ ନୁହେଁ । ସେହି ଅନ୍ତର୍ଗତ ଦୁଃଖକୁ ଶ୍ରୀମତୀଙ୍କ ଆଖି ଦୁଇଟିରେ ଦେଖି ପାରିଛନ୍ତି କବି । ତେଣୁ ପ୍ରଥମ ପଂଚକର ପ୍ରଥମ ପଦରେ ହିଁ କହିଛନ୍ତି,

"ଯାହା କେବେ କହିନାହିଁ, କହେଁ ଆଜି - ଶୁଣ ସୁନାୟନା
ଦୁଃଖୀ ତୁମ ଆଖି ଦୁଇ ଲାଗେ ମତେ ନୀଳ ଦ୍ୱୀପାଂତର...
ଯେଉଁଠି ବିତାଏ ଦିନ ବର୍ଷ ବର୍ଷ ରାତିର ବାଂଛନା
ଆଉ ସବୁ ଦିବା ସ୍ୱପ୍ନ ଶୋଇଥାଏ ସାରା ଦ୍ୱିପ୍ରହର ।"

ସେକ୍ସିୟରଙ୍କ 'ସନେଟ୍ ୧୩୦'ରେ ଆଖି ସୂର୍ଯ୍ୟ ପରି ଉଜ୍ଜ୍ୱଳ ଦେଖା ନ ଯିବା ଏବଂ କବି ଗିରିଜା ଶ୍ରୀମତୀଙ୍କର ଦୁଃଖୀ ଆଖି ଦ୍ୱୟକୁ ସୁନୟନା କହିବା ମଧ୍ୟରେ ସାମଞ୍ଜସ୍ୟ ଅତ୍ୟନ୍ତ ସୂକ୍ଷ୍ମ । ଉଭୟ କବି ଧରାବନ୍ଧା ପ୍ରଥାସିଦ୍ଧ ପଥକୁ ଅସିଦ୍ଧ ମନେ କରି ଅସ୍ୱୀକାର କରିଛନ୍ତି । ଆଖିର ଉଜ୍ଜ୍ୱଳ-ଆଭା, ଚଂଚଳ ଡୋଳା କି ଇସାରାରେ ଅଭିସାର ନିମନ୍ତେ କବି ସେ ନୟନ ନିକଟରେ ସମର୍ପଣ କରିନାହାନ୍ତି । ପ୍ରଥମ ପଂଚକରେ 'ଦୁଃଖୀ ତୁମ ଆଖି ଦୁଇ' ଏତିକି ମାତ୍ର ସୂଚନା ପ୍ରଦାନ କରିଥିବା କବି ଦ୍ୱିତୀୟ ପଂଚକରେ ଧର୍ମପତ୍ନୀଙ୍କ ଦୁଃଖୀ ଆଖି ଦୁଇ ଅଶେଷ ଆଷାଢ଼ ଓ ଶ୍ରାବଣର ବର୍ଷାମାସ ବିତାଇବା ପ୍ରସଙ୍ଗ ଉଲ୍ଲେଖ କରାଯାଇଛି । ଅତଏବ କବିପତ୍ନୀଙ୍କର ଦୀର୍ଘନୟନ ନିର୍ଗତ ନୀରବ ନୀରପାତ ସଂପର୍କରେ କବି ସଂପୂର୍ଣ୍ଣ ସଚେତନ ।

ଭାରତୀୟ ବାଙ୍ମୟରେ ଚିଦାକାଶ, ମନୋକାଶ ଏସବୁର ସ୍ଥିତି ସ୍ୱୀକୃତ । ଚିତ୍ତ ଆକାଶ ସମ ଅସୀମ, ବିସ୍ତୃତ ଓ ସର୍ବବ୍ୟାପୀ । ମନ ମଧ୍ୟ ଆକାଶ ସମ ଶୂନ୍ୟ ସଂଚାରୀ । ହେଲେ କବି ଗିରିଜା ପତ୍ନୀଙ୍କ ନୟନାକାଶର ପରିକଳ୍ପନା କରିଛନ୍ତି । ଯେଉଁ ନୟନାକାଶରେ ବିଧାତାଙ୍କ ବିନାନୁମତିରେ ରାତ୍ରି ଅବତରଣ କରେ ଏବଂ ସେହି ତୃଷ୍ଣାର ତିମିର ମଧ୍ୟରେ କବି ଖୋଜିପାରନ୍ତି ନିଜ ଉଷ୍ଣ ଆଶାର ଝିଲ୍‌ମିଲ୍ ତାରକାମାନଙ୍କୁ । ପୁନଶ୍ଚ ସେହି ନୟନ ମନେହୁଏ ଆଶ୍ୱିନର ଓଦାଓଦା ଆକାଶ ପରି । ଭାରତୀୟ ସଂସ୍କୃତିର ତ୍ରୟୀ ମୁଖ୍ୟ ମନ୍ତ୍ର 'ମାତୃ ଦେବୋ ଭବେ', 'ପିତୃ ଦେବୋ ଭବ' 'ଅତିଥି ଦେବୋ ଭବ' ସମ କବି ଗିରିଜାଙ୍କ ସନେଟ୍ ସଂସ୍କୃତିର ମଧ୍ୟ ତିନୋଟି ମୌଳିକ ବୈଶିଷ୍ଟ୍ୟ ରହିଛି 'ଶବ୍ଦ ଦେବୋ ଭବ' 'ଛନ୍ଦୋ ଦେବୋ ଭବ' ଏବଂ 'ଭାବ ଦେବୋ ଭବ' । ଶବ୍ଦ + ଛନ୍ଦ + ଭାବ ଏହି ତ୍ରିଭୁଜର ବଂଧନରେ ବଂଧା ତାଙ୍କ ଚଉଦାଳୀର ଚାରୁ ପଦାବଳୀ । ଶବ୍ଦର ନିଃଶବ୍ଦ କୋଳାହଳ ଦେଖି କେହି କେହି ସୁଲଭ ସରାଗରେ କବିଙ୍କୁ ତୃତୀୟ ଭଂଜ ଆସନ ଯାଚନା କରନ୍ତି । ହେଲେ ଯିଏ ଭାଷା ଭାରତୀଙ୍କ ତପୋବନର ଏକନିଷ୍ଠ ସେବକ ତାଙ୍କର ବା ତର କାହିଁ ଏହି ଦ୍ୱିତୀୟ କି ତୃତୀୟ ଆସନରେ ଉପବେଶନ ନିମନ୍ତେ ।ଏଇଠି କବି ସମ୍ରାଟଙ୍କ ନୟନ ବର୍ଣ୍ଣନା ଓ ସନେଟ୍ ସମ୍ରାଟଙ୍କ ନୟନ ପଂଚକ ମଧ୍ୟରେ କିପରି ପାର୍ଥକ୍ୟ ପରିଲକ୍ଷିତ ତାର ଏକ ଅନ୍ତରଙ୍ଗ ବୀକ୍ଷଣ କରାଯାଇପାରେ ।

## କବି ସମ୍ରାଟଙ୍କ ନେତ୍ର ବର୍ଣ୍ଣନା

୧ - କବି ସମ୍ରାଟଙ୍କ ବର୍ଣ୍ଣନାନୁଯାୟୀ 'ପ୍ରେମ ସୁଧାନିଧି'ଙ୍କର ରମ୍ୟଈକ୍ଷଣ ମଦନ ମଦ ଅର୍ଥାତ କାମଦେବଙ୍କର କାମଭାବ ବର୍ଦ୍ଧନ କାରକ, ତପୀଜନର ତପଃନାଶକ ଏବଂ ଧୈର୍ଯ୍ୟଶୀଳ ମାନବର ଧୈର୍ଯ୍ୟନାଶକ । ଏହି ନୟନ ମନମଂଥନକାରୀ ଏବଂ କାମଦେବଙ୍କ ଶର ସଦୃଶ । ପୁନଶ୍ଚ ଏହି ଚକ୍ଷୁ ହେଉଛି କାମଦେବଙ୍କ କନକ

ରଥର ଚଳଚଂଚଳ ହୟ ଦ୍ୱୟ । କଜ୍ଜ୍ୱଳ ରେଖା ସେହି ଅଶ୍ୱରୂପୀ ଚକ୍ଷୁର ପୁଚ୍ଛ ।

୨- ଉପମାଳଙ୍କାରର ଉଦ୍ଦାତ ଉତ୍‌ଥାପକ କବିସମ୍ରାଟ ପ୍ରେମସୁଧାନିଧିଙ୍କର ନୟନ ଦ୍ୱୟକୁ ଧବଳକର ଚନ୍ଦ୍ରମାଙ୍କ ସହ ତୁଳନା କରିଛନ୍ତି । ଚକ୍ଷୁର ମଧ୍ୟଭାଗ ଅର୍ଥାତ୍ ଡୋଳାଟି ନୀଳ ମରକତମଣି ସମ ଦୃଶ୍ୟ ହେବା ସମୟରେ ଚତୁଃପାର୍ଶ୍ୱ ଚନ୍ଦ୍ରମା'ଙ୍କର ଶୁଭ୍ର ସ୍ୱଚ୍ଛତା ଧାରଣ କରିଛି । ଏହି ମଧ୍ୟାଂଶଟି ଚନ୍ଦ୍ର ମଧ୍ୟସ୍ଥ ଶଶକ ହୋଇପାରେ ।

୩- ମତ୍ତ ଖଂଜନ, ସମପଳବନ୍ତ ଝସ ଦ୍ୱୟ, ମତୁଆଳ ଭ୍ରମର ସମ ପ୍ରମତ୍ତ ଡୋଳା, ବିପରୀତ ଦିଗାଭିମୁଖୀ ଚଂଚଳ କୁରଙ୍ଗ ଆଦି ପଶୁପକ୍ଷୀ ଏବଂ କୀଟମାନଙ୍କ ସହ ଚକ୍ଷୁର ରୀତ୍ୟାଧାରିତ ତୁଳନା କବିସମ୍ରାଟଙ୍କ ନୟନ ବର୍ଣ୍ଣନାର ପ୍ରମୁଖାଙ୍ଗ । ଆଲୋଚ୍ୟ 'ପ୍ରେମସୁଧାନିଧି' କାବ୍ୟର ଦ୍ୱିତୀୟ ଛାନ୍ଦ ଅନ୍ତର୍ଗତ ଏକାଦଶତମ ପଦଟି ଅତ୍ୟନ୍ତରସଘନ । ଏଠାରେ କବି କୁହନ୍ତି,

"ରଙ୍ଗ ଉତ୍ପଳ ମଧ୍ୟ ଶତଦଳ ।
    ମଧ୍ୟସ୍ଥ ସମଉଭର ଭ୍ରସଳ
ଏମନ୍ତ ମନ୍ଦ ପବନ ଚଳଇ ।
    ବହଳ ମକରନ୍ଦ ନ ଉଡ଼ଇ ।
ଗତ ମନ ମନ । କମ୍ପନ ଅପଘନ ଘନଘନ ।" (ପ୍ରେମ ସୁଧାନିଧି)

ପ୍ରେମସୁଧାନିଧିଙ୍କ ଚକ୍ଷୁ ବହଳ ଶୃଙ୍ଗାର ରସ ପରିପୂର୍ଣ୍ଣ ଏକ ସରୋବର । ରଙ୍ଗପଦ୍ମ ଅର୍ଥାତ ନାଲିରଙ୍ଗର ମୁଖପଂକଜ । ପୁନଶ୍ଚ ଚକ୍ଷୁ ହେଉଛି ଶ୍ୱେତରଂଗର ଶତଦଳ ଯାହା ମଧ୍ୟରେ ମତୁଆଳ ଭଅଁରଟିଏ ସମ ଡୋଳାଟି ଶୋଭା ପାଉଛି ।

୪ - କଳ୍ପନା ବିଳାସୀ କବିସମ୍ରାଟ ଉପମାଳଙ୍କାରର ପ୍ରାଚୁର୍ଯ୍ୟ ପ୍ରଦାନ କରି ଦଶମପଦରେ ପ୍ରେମସୁଧାନିଧିଙ୍କର ଲଲାଟ ଦେଶକୁ ଅର୍ଦ୍ଧଚନ୍ଦ୍ର, ଗଣ୍ଡଦେଶକୁ ଚତୁର୍ଥୀଚାନ୍ଦ, ମନ୍ଦହାସକୁ ଦ୍ୱିତୀୟାଚନ୍ଦ୍ର ଏହିପରି ଚନ୍ଦ୍ର ହାସମୟ ମୁଖମଣ୍ଡଳରେ ଚକ୍ଷୁକୁ ଅମାବାସ୍ୟା ସହ ତୁଳନା କରି କହିଛନ୍ତି, "ଅମ୍ବକ ମଧ୍ୟ ଦରଶ ସଦର ।" ଅତଏବ ଚନ୍ଦ୍ରମାଙ୍କର ହ୍ରାସ ଓ ବୃଦ୍ଧି ତଥା ଆଲୋକ ଓ ଅଂଧାର ଉଭୟ ପାର୍ଶ୍ୱର ବୀକ୍ଷଣ ପ୍ରଦାନ କରି ଚକ୍ଷୁକୁ ଅମାବାସ୍ୟାର ଅନ୍ଧକାର ସହ ସଂଯୋଜିତ କରାଯାଇଛି । ଦଶମ ପଦରେ ନୟନର ମଧ୍ୟଭାଗର ବର୍ଣ୍ଣନା ଦେବାକୁ ଯାଇ କବି ଲେଖନ୍ତି,

"ଅର୍ଦ୍ଧଚନ୍ଦ୍ରବତ ଅଳକତଳ ।
    ଖଣ୍ଡକମଳଜ ଗଣ୍ଡମଣ୍ଡଳ ।
ମନ୍ଦହାସ ନବବଳକ୍ଷକର ।
    ଅମ୍ବକ ମଧ୍ୟ ଦରଶ ସଦର ।" ॥୧୦॥

× × ×

(ପ୍ରେମ ସୁଧାନିଧି, ପୃ.୧୧୧)

ଅମ୍ବକ ଶବ୍ଦର ଅର୍ଥ ଚକ୍ଷୁ । ଚକ୍ଷୁର ମଧ୍ୟଭାଗ ଦରଶ ଅର୍ଥାତ ଅମାବାସ୍ୟା ଆଚ୍ଛାଦିତ ହେବା ପରି ମନେ ହୋଇଥାଏ । କବିସମ୍ରାଟଙ୍କ ନୟନବର୍ଣ୍ଣନରେ ଚକ୍ଷୁକୁ ଜୀବନ୍ୟାସ ଦିଆଯାଇଛି । ସେ ଚଳତ୍‌ଶକ୍ତିଯୁକ୍ତ । ସେ ଗମନଶୀଳ । ସେ ପଳାୟନ ମାଧ୍ୟମରେ ସ୍ୱୀୟ ଉପସ୍ଥିତି ବ୍ୟକ୍ତ କରିପାରେ ।

୫ - କବିସମ୍ରାଟଙ୍କ ସାମର୍ଥ୍ୟ ଅନତିକ୍ରମଣୀୟ । ପ୍ରେମ ସୁଧାନିଧିଙ୍କ ନୟନ ମଧ୍ୟରେ ସେ ତ୍ରିଦେବ, ତ୍ରିଗୁଣ, ତ୍ରିରଂଗ ଏବଂ ତ୍ରିଭାବର ସଂଦର୍ଶନ କରିଛନ୍ତି । ନିମ୍ନ ସାରଣୀ ମାଧ୍ୟମରେ ସେହି ନୟନ ବର୍ଣ୍ଣନାଗତ ଦ୍ୟୁତିର ଉଦ୍ଭାସ ପ୍ରକଟିତ ।

**ସାରଣୀ -୧**

| ତ୍ରିରଂଗ | ତ୍ରିଦେବ | ତ୍ରିଗୁଣ | ତ୍ରିଭାବ |
|---|---|---|---|
| ଧଳା | ବ୍ରହ୍ମା | ସତ୍ତ୍ୱ | ନିଶ୍ଚଳ |
| ଲାଲ | ବିଷ୍ଣୁ | ରଜଃ | ହର୍ଷ |
| କଳା | ମହେଶ୍ୱର | ତମୋ | ବ୍ୟଗ୍ର |

କବିସମ୍ରାଟ ତ୍ରୟୋଦଶ ପଦରେ କହନ୍ତି-

"ଏସନ ମନ ତ୍ରୟବର ନର
    ଇକ୍ଷଣ ବଶକର କ୍ଷଣକର
ଜଳଜଭବ, ଭବ, ଦର-ଧର ।
    ଇତର ଜନର ବଶ ଇତର ।
ଅଜର ସମ୍ପଦ । ହରସ ତରସ ସତ୍ୱରପଦ ।"।୧୩।

(ପ୍ରେମ ସୁଧାନିଧି, ପୃ. ୧୧୨)

ଚକ୍ଷୁରେ ତିନୋଟି ବର୍ଣ୍ଣ ସୁଦୃଶ୍ୟ ହୋଇଥାଏ । ଧଳା, ଲାଲ ଓ କଳାବର୍ଣ୍ଣ । ଏହି ତିନୋଟି ରଙ୍ଗକୁ ସତ୍ତ୍ୱ-ରଜ-ତମ ଗୁଣଯୁକ୍ତ କରି ତ୍ରିଦେବ ଓ ତ୍ରିଭାବର ପରିକଳ୍ପନା କବି ସମ୍ରାଟଙ୍କ ଚୈତନିକ ତଥା ଶାବ୍ଦିକ ଓଜଃର ଓଜସ୍ୱିନୀ ପରିପ୍ରକାଶ ।

୬ - କବିସମ୍ରାଟ ନେତ୍ର ବର୍ଣ୍ଣନା କରିବେ ଅଥଚ ଶୃଙ୍ଗାରପୂର୍ଣ୍ଣ କଜ୍ଜ୍ୱଳପୂରିତ ନେତ୍ର ନଥିବ ତାହା ତ ଅସମ୍ଭବ । ତେଣୁ ଷଷ୍ଠ, ଅଷ୍ଟମ, ଦଶମ, ଦ୍ୱାଦଶ, ଚତୁର୍ଦ୍ଦଶ, ପଂଚଦଶ, ଷୋଡ଼ଶ, ସପ୍ତଦଶ ଊନବିଂଶ ପଦରେ କଜ୍ଜ୍ୱଳ ରଂଜିତ ନୟନ ବର୍ଣ୍ଣନା ରହିଚି । ପ୍ରେମସୁଧାନିଧଙ୍କ ନେତ୍ରଙ୍କୁ ମାନବେତର ପ୍ରାଣୀ ତଥା ବିବିଧ ବସ୍ତୁ

ସହ ତୁଳନା କରି କବି ସ୍ୱୀୟ ଚାତୁର୍ଯ୍ୟ ପ୍ରତିପାଦିତ କରିଛନ୍ତି । ନିମ୍ନରେ ଗୋଟିଏ କୋଠରୀର ଚିତ୍ର ପ୍ରଦାନ କରାଯାଇଛି । ଏହି କୋଠରୀ ମଧ୍ୟରେ କବିବର୍ଣ୍ଣିତ ପଦ୍ୟାଂଶଟି ଏବଂ ତାର ସ୍ଥୂଳ ଅର୍ଥ ପ୍ରଦାନ କରାଯାଇଛି ।

## ସାରଣୀ

| ପଦ | ପଦ୍ୟାଂଶ | ସ୍ଥୂଳାର୍ଥ |
|---|---|---|
| ଷଷ୍ଠ ପଦ | ××× ବରହ ଅଞ୍ଜନ ××× | ନୟନରେ ଅଂକିତ କଜ୍ଜ୍ୱଳ ଲାଂଜି କଜଳପାତି ଚଢ଼େଇର ପୁଚ୍ଛସମ । |
| ଅଷ୍ଟମ ପଦ | ××× କଜ୍ଜ୍ୱଳ ଚମର ××× | ମୃଗର ଲାଞ୍ଜ |
| ଦଶମ ପଦ | ××× ଅଂଜନ କପଟ ××× | ଅଞ୍ଜନ ଛଳରେ ଭୟାତୁର ନୟନଦ୍ୱୟ ଶ୍ରବଣରନ୍ଧ୍ର ମଧ୍ୟରେ ପ୍ରବେଶ କରିବାକୁ ଉଦ୍ୟତ । |
| ଦ୍ୱାଦଶ ପଦ | ××× ଅଂଜନ ଏତ ରଂଜନ କଜ୍ଜ୍ୱଳ / ମନ ଦମ୍ଭ ଦହଜନ | ଦମ୍ଭୀଜନର ଦମ୍ଭ ନାଶନକାରୀ ନୟନ |
| ଚତୁର୍ଦ୍ଦଶ ପଦ | ସକଳ ×××<br>××× ସହଜ ଯତନ ସରୁ କଜ୍ଜ୍ୱଳ | ଯତ୍ନରେ ଅଂକିତ ସରୁ କଜ୍ଜ୍ୱଳ ରେଖା |
| ପଂଚଦଶ ପଦ | ×××<br>××× ବନ୍ଧକ ଅଞ୍ଜନ ହୟ ନୟନ<br>××× | ଚକ୍ଷୁ ରୂପକ ଅଶ୍ୱକୁ କଜ୍ଜ୍ୱଳ ରେଖା ରୂପୀ ରଜ୍ଜୁରେ ବନ୍ଧନ କରାଯାଇଛି । |
| ଷୋଡ଼ଶ ପଦ | ××× ବମନ କରଇ କଜ୍ଜ୍ୱଳଗାର | ନେତ୍ର ସର୍ପର ମୁଖନିଃସୃତ ଗରଳ |
| ସପ୍ତଦଶ ପଦ | ×××<br>××× ବସନ ପଣନ୍ତ । ବହଳ ଅଞ୍ଜନ ଏମନ ମତ ××× | ଚକ୍ଷୁରୂପୀ ନର୍ତ୍ତକୀର ପଣତ ହେଉଛି କଜ୍ଜ୍ୱଳ ଗାର |
| ଊନବିଂଶ ପଦ | ××× ଦଣ୍ଡନ ଦଣ୍ଡ ନୟନ କଜ୍ଜ୍ୱଳ<br>××× | ନୟନର ଅଞ୍ଜନ କବିମାନଙ୍କୁ ଦଣ୍ଡ ଦେବା ବାଡ଼ି ସମ |

ଏହିପରି କଜ୍ଜ୍ୱଳପୂରିତ ଲୋଚନ ଦ୍ୱୟ ଭଂଜୀୟ କାବ୍ୟଶିଳ୍ପରେ ବୈଚିତ୍ର୍ୟ ମଣ୍ଡିତ ରୂପ ଗ୍ରହଣ କରିଛି ।

୭ – କବି ସମ୍ରାଟ ପ୍ରେମ ସୁଧାନିଧିଙ୍କ ନୟନକୁ ଶୃଙ୍ଗାରରସ ପରିପୂର୍ଣ୍ଣ ସରୋବର ସମ ମନେ କରିଛନ୍ତି । ଡୋଳା ଦୁଇଟି ମତୁଆଲା ଭ୍ରମର । ଶୃଙ୍ଗାର ରସ ଏଠାରେ ମକରନ୍ଦ ସମ । ତେଣୁ ଭ୍ରମର ସେହି ବହଳ ମକରନ୍ଦ ପାନ କରିବାର ପ୍ରଲୋଭନରେ ଚକ୍ଷୁ ସରୋବର ପରିତ୍ୟାଗ କରିପାରୁନାହିଁ । କବି ସମ୍ରାଟଙ୍କ ନୟନ ବର୍ଣ୍ଣନାରେ ରହିଛି ରୂପର ଦ୍ୟୁତି ।

## ସନେଟ୍ ସମ୍ରାଟଙ୍କ ନେତ୍ର ବର୍ଣ୍ଣନା

୧ – ସନେଟ ସମ୍ରାଟ ଧର୍ମପତ୍ନୀଙ୍କର ଢଳଢଳ ନୟନଦ୍ୱୟକୁ ମଦନମଦ ତୃପ୍ତକାରକ ରୂପେ ଗ୍ରହଣ କରି ଶୋଷ ପ୍ରଶମିତ କରିବା ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି । ସେ ନୟନରେ ମୀନ, ଖଂଜନ କି ବାଜିର ଦ୍ରୁତଗମନ ହେତୁ କାହାରି ଗର୍ବ ଗଂଜନ ହୋଇନାହିଁ । ସେ ନୟନ କାମପୀଡ଼କ ନୁହେଁ ବରଂ ଆଶ୍ରୟଦା, ଆଲୋକଦା ଓ ଅଭୟଦା । ସନେଟ୍ ସମ୍ରାଟଙ୍କ ନେତ୍ରବର୍ଣ୍ଣନାରେ ଚଂଚଳତା ନାହିଁ । ତାହା କାମ ଉଦ୍ଦୀପକ ନୁହଁ କି କାମଦେବଙ୍କ ଅପାଙ୍ଗ ଆୟୁଧ ମଧ୍ୟ ନୁହେଁ ।

୨ – ଅନୁପ୍ରାସାଳଙ୍କାରର ଅନୁରାଗୀ ଅଧିଗ ସନେଟ୍ ସମ୍ରାଟ ଧର୍ମପତ୍ନୀଙ୍କ ସ୍ୱଚ୍ଛ ନୟନରେ ଚନ୍ଦ୍ରମା' ନୁହେଁ ନକ୍ଷତ୍ରର ନୀଳାଲୋକ ଦର୍ଶନ କରିଛନ୍ତି ଏବଂ କହିଛନ୍ତି, "ଦୁଇ ଆଖି : ଦୁଇ ତାରା... ଦିଏ ମତେ ମସୃଣ ମୟୂଖ / ଥାଉ ତା' ଶୀର୍ଷକ ତେଣୁ ସ୍ୱାତୀ ଆଉ ଅରୁଂଧତୀ ଆହା ।"

୩– ସନେଟ୍ ସମ୍ରାଟ ପାରଂପରିକ ବର୍ଣ୍ଣନା ଧାରାକୁ ସଂପୂର୍ଣ୍ଣ ବର୍ଜନ କରିପାରିନାହାନ୍ତି । ପରଂପରାର ପ୍ରଥା ପ୍ରୟାଣୀ ସେ ନୁହଁନ୍ତି ଏହା ସତ୍ୟ । ଅନୁସରଣ ତାଙ୍କର କାବ୍ୟ ପ୍ରବୃତ୍ତି ନୁହେଁ । କବି ସିନା ପରଂପରାକୁ ଅତିକ୍ରମି ନୂତନତ୍ୱର ଆବିଷ୍କାରକ ହେବ । ହେଲେ ନୂଆ ସୃଷ୍ଟି କରିବାର ପ୍ରଲୋଭନରେ ପୁରୁଣାକୁ ପିଙ୍ଗି ଦେଇ, ତ୍ରିଶଙ୍କୁର ମଧ୍ୟ ସ୍ୱର୍ଗରେ ବୀଜବପନ କଲେ ଛଳଛଳ କବିତା କଅଣ ସଂଭବ ହୋଇପାରିବ ? ଅତଏବ ଓଡ଼ିଆକବିତା ଧାରାର ଉତ୍କୃଷ୍ଟ ମାଟିରୁ ରସାହରଣ ନ କଲେ ପାଠକର ହୃଦୟ ହସ୍ତିନା ଲାଭ କରିବା ତ ଅସମ୍ଭବ ହୋଇପଡ଼ିବ । ତେଣୁ କମଳ ଓ ଭଅଁର ଏହି ଦୁଇଟି ତୁଳନାତ୍ମକ ପ୍ରଥାପିଣ୍ଡିତ ଉପାଦାନ କବି ଗ୍ରହଣ କରିଛନ୍ତି ହେଲେ ପ୍ରୟୋଗରେ ଭଂଜୀୟ କଳା ଚାତୁର୍ଯ୍ୟକୁ ଅତିକ୍ରମି ଯାଇଛନ୍ତି । ପତ୍ନୀଙ୍କର ନୟନ କମଳବନ ଆଉ ଭ୍ରମରରୂପୀ ଡୋଳାଟି ସ୍ୱୟଂ କବିଙ୍କର ଦେହର ବୁଭୁକ୍ଷା । ଓଡ଼ିଆକବିତା ନିମନ୍ତେ ଏକ ଅଦ୍ୱିତୀୟ ଚିତ୍ରକଳ୍ପ ଉପହାର ଦେଇ କବି ଲେଖନ୍ତି,

"ଶୋଷ ମୋର ଶାଂତ କରେ ସ୍ନେହ ସିଗ୍ଧ – ସେ ନୟନ ସ୍ୱଚ୍ଛ / ଭୋକର ଭଅଁର ଶୁଏ ସେ ଆକ୍ଷିର କମଳବନରେ !"

(ନୀଳନିର୍ବାଣ)

୪– କଳ୍ପନା କାରୁବାକୀଙ୍କୁ ବୀଣାପାଣିଙ୍କ ସହଚରୀ ମନେ କରୁଥିବା କବିକୁଳ କେବେ କଳ୍ପନା ବିରାଗୀ ହୋଇପାରିବେ ନାହିଁ । ସନେଟ ସମ୍ରାଟ ମଧ୍ୟ ଚକ୍ଷୁର ଅସୀମତ୍ୱ, ପ୍ରଶାନ୍ତ ପ୍ରସାରଣ ଏବଂ ଅକଳନ ଗଭୀରତ୍ୱକୁ ଅନୁଭବ କରିପାରିଛନ୍ତି । କିନ୍ତୁ ତାହା

ଅମାବାସ୍ୟାର ଅନୁଦାର ଅନ୍ଧକାର ନୁହେଁ । କବିତା ଯେଉଁ ଏକାନ୍ତ ଦୂରଦିଗନ୍ତର ଲାସ୍ୟକୁ ଇଙ୍ଗିତ କରେ ସେହି ଅସୀମର ଅବବୋଧ ପ୍ରଦାନ ସାମର୍ଥ୍ୟ କବି ବଳୀୟାରସିଂହଙ୍କ ନିକଟରେ ଅକଳନ । ତେଣୁ କଳ୍ପନା ସୁନ୍ଦରୀଙ୍କ ସହ ବାସ୍ତବିକାଙ୍କର ନୟନାଂତର ରୂପାୟିତ କରି କବି କୁହନ୍ତି,

"କେବେ କେବେ ଆଖି ତୁମ ଲାଗେ ମତେ ଅଂଧାରୀ ମୁଲକ/ ଯେଉଁଠି ଓହ୍ଲାଏ ରାତି ବିଧାତାର ବିନାନୁମତିରେ / ମୌନତାର ମୁଦ୍ରାମାଝେ ସମ୍ମତିର ସହସ୍ର ପୁଲକ/ ଆଉ / ମୋ ଉଷ୍ଣାଶା ଯେତେ ତାରା ତୋଳେ ତୃଷ୍ଣାର ତିମିରେ ॥" (ନୀ.ନି.) ଅମ୍ବକ ମଧ ଦରଶ ସଦର କହି ନୟନସ୍ଥ ମଧ୍ୟଭାଗର କୃଷ୍ଣ ଡୋଳାଟିକୁ ଅମାବାସ୍ୟା ସହ ରୂପକାଳଙ୍କାର ମାଧ୍ୟମରେ ସଂଯୋଜିତ କରିବା ଏବଂ ନୟନକୁ ଅଂଧାରି ମୁଲକ କହି ବିଧାତାଙ୍କ ବିନାନୁମତିରେ ରାତ୍ରିର ଅବତାରଣ ପରେ ପରେ ଦୁଇଟି ମିଳନାକାଙ୍କ୍ଷୀ ପ୍ରାଣର ପୁଲକକୁ ମୌନତା ମାଧ୍ୟମରେ ପ୍ରକାଶ କରି କବି ଯେଉଁ ଅପରୂପ ମନସ୍ତାତ୍ତ୍ୱିକ ଅନୁଭବର ଚିତ୍ରକଳ୍ପଟିଏ ଅଂକନ କରିଛନ୍ତି, ତାର ସୂକ୍ଷ୍ମତ୍ୱ ଅବଶ୍ୟ ପ୍ରଶଂସନୀୟ । ସନେଟ୍ ସମ୍ରାଟଙ୍କ ସୁନୟନା ସ୍ଥିର, ମୌନ, ଅଶ୍ରୁଳ ବିଷାଦବୋଳା ଅଥଚ କବି ଏବଂ କବି ପତ୍ନୀଙ୍କ ପ୍ରେମ ଓ ମିଳନର ତାହା ଯେପରି ଏକମାତ୍ର ସାକ୍ଷୀ ।

୫- ସନେଟ ସମ୍ରାଟଙ୍କ ସାମର୍ଥ୍ୟ ମଧ ସୁଦୁର୍ଲଭ । କବି ଗିରିଜା ପ୍ରାଣପ୍ରିୟା ଧର୍ମପତ୍ନୀଙ୍କ ନୟନରେ ଧଳା-କଳା-ନାଲି ଏହି ତ୍ରିରଙ୍ଗ ବଦଳରେ କେବଳ ଗୋଟିଏ ରଙ୍ଗ ଦେଖିବା ନିମନ୍ତେ ସମର୍ଥ ହୋଇଛନ୍ତି । ସେ ରଙ୍ଗଟି ହେଉଛି 'ନୀଳ' । ଉଭୟ ଅନନ୍ତ ଆକାଶ ଓ ଦିଗନ୍ତବିସ୍ତାରୀ ଦରିଆର ରଂଗ ହେଉଛି ନୀଳ । ତେଣୁ ଏହି ରଂଗଟିକୁ ପ୍ରଶାନ୍ତ, ସ୍ଥିର, ପ୍ରଜ୍ଞା, ଗଭୀରତମ ବିଶ୍ୱାସ, ଆନୁଗତ୍ୟ, ଅସୀମ ଆଦିର ପ୍ରତୀକ ସ୍ୱରୂପ ଗ୍ରହଣ କରାଯାଇଥାଏ । ତେଣୁ କବି ସେହି ଏକଇ ରଂଗର ସାରଂଗୀ ବାଦନରେ ଲିପ୍ତ ଅଛନ୍ତି । 'ନୟନ ପଂଚକ'ରେ ରହିଛି ସର୍ବମୋଟ ସତୁରୀ ଗୋଟି ପାଦ ବା ଧାଡ଼ି ତନ୍ମଧ୍ୟରୁ ନିମ୍ନୋକ୍ତ ଛଅଗୋଟି ପାଦରେ କବି ନୀଳଶବ୍ଦର ବ୍ୟବହାର କରିଛନ୍ତି ।

"ଦୁଃଖୀ ତୁମ ଆଖି ଦୁଇ ଲାଗେ ମତେ ନୀଳ ଦ୍ୱୀପାଂତରେ... ।"
"ସତରେ ଗୋ ସୁନୟନା ! ସେ ନୟନେ, ମାଗେଁ ସ୍ୱପ୍ନସ୍ନାନ
... ଦେଉ ତୁମ ଦୁଇ ଆଖି ନୀଳନୀଳ ନିଦର ନିର୍ବାଣ ।"
"ଆଜି ମଧ ତୀକ୍ଷ୍ଣ ଅତି ସେ ଆଖିର ନୀଳ ତିରସ୍କାର ।"
"ସ୍ୱପ୍ନ ମୋ ନଜର ବଂଦୀ ନୀଳ ସେଇ ଆଖିର କାରାରେ ।"
"କେବେ ପୁଣି ଇଚ୍ଛା ହୁଏ; ପ୍ରକ୍ଷାଳିବି ପ୍ରଜ୍ୱଳିତ ପ୍ରାଣ
ନିଭୃତ ତୁମରି ସେଇ ନୟନର ନୀଳ ଦୁଇହ୍ରଦେ ।"

"ସବୁ ମୋର ବ୍ୟର୍ଥତାରେ ସାର୍ଥକତା - ସେଇ ଆଖି ଦୁଇ
ସବୁ ମୋର ତିଳ ତିଳ ନକ୍ଷତ୍ରର ନୀଳ ଅଂଗୀକାର... ।"

ନୀଳ ନିର୍ବାଣର ନିଦ୍ରା, ନୀଳ ଅଂଗୀକାର, ନୀଳହ୍ରଦର ଜଳ ଏବଂ ନୀଳ ତିରସ୍କାର ଏହି ରୂପକଳ୍ପଗୁଡ଼ିକ ପତ୍ନୀଙ୍କ ନୟନର ନୀଳିମା ନୁହେଁ ବରଂ ପତ୍ନୀତ୍ୱର ସୁଗଭୀର ନୀଳଦ୍ୟୁତିମୟ ଉଜ୍ଜ୍ୱଳ ବ୍ୟକ୍ତିତ୍ୱକୁ ସୂଚିତ କରୁଛି ।

୬ - ସନେଟ ସମ୍ରାଟଙ୍କ ନେତ୍ର ବର୍ଣ୍ଣନା ମଧ୍ୟରେ କଜ୍ଜ୍ୱଳ ପୂରିତ ନେତ୍ରଦ୍ୱୟ ଅବଶ୍ୟ ଦୃଶ୍ୟ ହୁଅନ୍ତି । କିନ୍ତୁ ସେ କଜ୍ଜ୍ୱଳ ଆକର୍ଷଣର ହେତୁ ନୁହେଁ । ନୁହଁ ମଧ ସାଧାରଣ ପ୍ରସାଧନ ସମାଗ୍ରୀ । 'ସତରେ ସୁନୟନା' ଚଉଦାଳୀର ପଂଚମ ପାଦଟିକୁ କବି କାବ୍ୟିକ କଂଚିକା ରୂପେ ଗ୍ରହଣ କରିଛନ୍ତି । କବି ଗିରିଜାକୁମାରଙ୍କ ଭାଷାରେ-

"ସେ ଆଖିର ଉପାଂତରେ ଦୁଇଗାର କଜ୍ଜ୍ୱଳ ମୋ ଦୁଃଖ
ଧାରଟିଏ ଅଶ୍ରୁରେ ହିଁ କେଇବାର ନିଭାଇଚ ଯାହା...
× × ×

(ନୀଳନିର୍ବାଣ)

କବିଙ୍କର ଦୁଃଖ କଜ୍ଜ୍ୱଳର କାଳିମାରେ ରୂପାନ୍ତରିତ ହୋଇ ଧର୍ମପତ୍ନୀଙ୍କ ସୁନୟନାର ଉପାନ୍ତରେ ରେଖାଙ୍କିତ ହୋଇଥାଏ । ସେ କଜ୍ଜ୍ୱଳ ରେଖା ପୋଛି ହେଇଯିବାର ପ୍ରକ୍ରିୟାଟି ନିବିଡ଼ ଦାମ୍ପତ୍ୟ ପ୍ରେମର ଅନୁପମ ଆଲେଖ୍ୟ ବହନ କରେ । ଅତଏବ ସନେଟ ସମ୍ରାଟ ନୟନ ବର୍ଣ୍ଣନା କାଳରେ କୌଣସି ଅଗ୍ରଜଙ୍କୁ ଅନୁସରଣ କରିନାହାନ୍ତି । ପାରମ୍ପରିକ ରୂପ ଅଛି, ରୂପକ ମଧ ଅଛି କିନ୍ତୁ ବଦଳି ଯାଇଛି ଅବଲୋକନ କରିବାର ପ୍ରଥାସିଦ୍ଧ ଦୃଷ୍ଟିଭଙ୍ଗୀ । ପିପାସିତ ନୟନ ମଧ୍ୟରେ ପ୍ରେମାସ୍ୱଦକୁ ଖୋଜିପାଇବା ଠାରୁ ଦୁଃଖାଞ୍ଜନ ଲେପିତ ନୟନ ମଧ୍ୟରେ ପତିଙ୍କର ଦୁଃଖ ଉଦ୍‌ଭାସିତ ହେବା ପୁନଶ୍ଚ ଧାରେ ଲୁହରେ ସେ ଦୁଃଖ ବୋହିଯିବାର ଚିତ୍ର ମାଧ୍ୟମରେ ପତିପତ୍ନୀ ଦ୍ୱୟଙ୍କର ଯାମଳ ଶରୀର ମଧ୍ୟରେ ଯେଉଁ ଅଭିନ୍ନତ୍ୱ କବି ଗିରିଜା ପ୍ରତିପାଦିତ କରିଛନ୍ତି ତାହା ଭିନ୍ନ କେବଳ ନୁହେଁ ଅନନ୍ୟ ମଧ ।

କବିସମ୍ରାଟଙ୍କ ନୟନ ବର୍ଣ୍ଣନା ବାହ୍ୟ ଆକୃତିର ରୂପାୟନ ହୋଇଥିବା ବେଳେ ସନେଟ୍ ସମ୍ରାଟ ପତ୍ନୀ ରୂପୀ ନାରୀର ବ୍ୟକ୍ତିତ୍ୱର ନୀଳାଭ ଦ୍ୟୁତି ଅବଲୋକନ କରିବା ନିମନ୍ତେ ପ୍ରୟାସୀ ହୋଇଛନ୍ତି । ନୟନ ମଧ୍ୟରେ ସ୍ୱନାରୀଙ୍କ ବ୍ୟକ୍ତିତ୍ୱ ଅବଲୋକନ କରିଥିବାରୁ ନୟନକୁ ଆଦିଂଗତ ବ୍ୟାପୀ ଅଥଳ ଦରିଆ, ଓଦା ଓଦା ଆଶ୍ୱିନର ଆକାଶ ଓ ନୀଳ ସାଗରିକା ସହ ଅଭିନ୍ନ ମନେ କରିଛନ୍ତି ।

୭ - ସନେଟ ସମ୍ରାଟ ନୟନ ସରୋବର ସଂପର୍କରେ

ସଂପୂର୍ଣ୍ଣ ନିରବ । ଆନୀଳ ନୟନ ଦ୍ୱୟ ତାଙ୍କ ନିମନ୍ତେ ଆଦିଗଂତ ବ୍ୟାପୀ ଅଥଳ ଦରିଆ ପୁନଶ୍ଚ ଦୁଇଗୋଟି ନୀଳ ସାଗରିକା । କବିଙ୍କର ପ୍ରଜ୍ୱଳିତ ପ୍ରାଣକୁ ପଖାଳି ନେବା ପାଇଁ ନୟନ ହ୍ରଦ ଅଭିପ୍ରେତ । ସନେଟ ସମ୍ରାଟଙ୍କ ସୁନୟନା କିନ୍ତୁ ଅରୂପ ସାଗର ମଧ୍ୟରୁ ପ୍ରେମର ଦୁର୍ଲ୍ଲଭ ମୋତି ସଂଗ୍ରହ ନିମନ୍ତେ ଅଭିଳାଷୀ ହେବା ପରି ମନେହୁଏ ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏ ଜାତିର ଅଭିମାନ । ଚିର ନମସ୍ୟ କବି । ଉତ୍କଳମଣି ଗୋପବନ୍ଧୁ ଯାହାଙ୍କୁ "କବିକୁଳ କଞ୍ଜ ଉପଇନ୍ଦ୍ର ଭଞ୍ଜ" ନାମରେ ସମ୍ବୋଧନ କରି ଯଥାକ୍ରମେ ପଦ୍ମ, ଅମୃତ ଓ ବ୍ରହ୍ମାଙ୍କ ଆସନ ପ୍ରଦାନ କରି କହିଥିଲେ,

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା,
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।।"
(ଅବକାଶ ଚିନ୍ତା - ପୃ. ୩୦)

ଦୂରଦ୍ରଷ୍ଟା କବି ଗୋପବନ୍ଧୁ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଦିନେ କାଳର ବଳୀୟାର ପ୍ରବାହ ହେତୁ ନୂତନ ଜ୍ଞାନ, ନୂତନ ରୁଚି ଓ ନୂତନ ସଂସ୍କାର ସମାଜ ଜୀବନକୁ ପ୍ରଭାବିତ କରିବ ହେଲେ 'ବୈଦେହୀଶ ବିଳାସ'ର ବୈଭବମୟ ସ୍ଥାନ କୌଣସି ନବରୁଚିର ଜ୍ଞାନ-ବିଜ୍ଞାନ ଗ୍ରହଣ କରିପାରିବ ନାହିଁ । ଅତଏବ ମୋର ନିବେଦନ ହେଉଛି - ସନେଟ୍ ସମ୍ରାଟ ଯେ କବିସମ୍ରାଟଙ୍କୁ ଅତିକ୍ରମି ଯାଇଛନ୍ତି ଏହା ନିରୀକ୍ଷଣ କରିବା ଉପରୋକ୍ତ ତୁଳନାତ୍ମକ ଅଧ୍ୟୟନର ଉଦ୍ଦେଶ୍ୟ ନୁହେଁ । ଉଭୟ ଆମ ଭାଷା ସାହିତ୍ୟ ନିମନ୍ତେ ବରଦନିଧି । ଜଣେ ଦେହର କାରାଗାରରୁ ମୁକ୍ତ ହୋଇ ବିଦେହରେ ଥାଇ ଏ ଜାତିର କାନେ କାନେ ବୈଦେହୀଶ ବିଳାସର ଅନୁରଣନ ତୋଳୁଥିବା ବେଳେ, ଆଉ ଜଣେ ସାଂପ୍ରତିକ କାଳଖଣ୍ଡରେ ସ୍ୱଦେହରେ ଅବସ୍ଥାନ କରି ଓଡ଼ିଆ କବିତାର ବର୍ତ୍ତମାନକୁ ମହାନ ସାଂସ୍କୃତିକ ପରଂପରା ସହ ସଂଯୋଜିତ କରି ଏକକ ଅଭିଯାନରେ ନିତ୍ୟ ନିୟୋଜିତ ଅଛନ୍ତି । ଜଣେ ସମୀକ୍ଷକ ରୂପେ ତୁଳନାର ଏହି ତୁଳାଦଂଡ଼ ଉଭୟଙ୍କ ପ୍ରତି ଜଣେ ବିନୀତା ପାଠିକାର ମୁଗ୍ଧଚକିତ ହୃଦୟର ଭକ୍ତି ନୈବେଦ୍ୟ ମାତ୍ର, ତଉଲିବାର ତ୍ରୁଟିପୂର୍ଣ୍ଣ ଆସ୍ପର୍ଦ୍ଧା ନୁହେଁ । ତେବେ ଏହି ତୁଳନାତ୍ମକ ଅଧ୍ୟୟନ ମୋତେ ଏହି ସିଦ୍ଧାନ୍ତରେ ଉପନୀତ କରାଇଲା ଯେ କବି ଗିରିଜା କୁମାରଙ୍କ ନୟନପଂଚକ ପୂର୍ବୋକ୍ତ ସମସ୍ତ କବିମାନଙ୍କର ନୟନ ବର୍ଣ୍ଣନାଠାରୁ ଭିନ୍ନ ତଥା ସ୍ୱକୀୟା ପ୍ରେମର ମର୍ଯ୍ୟାଦାମୟ ଅଭିନ୍ନ ପରିପ୍ରକାଶ । ଶ୍ରଦ୍ଧା, ସମର୍ପଣ, ଅପେକ୍ଷା ଓ ପ୍ରେମ ପରିପୂର୍ଣ୍ଣ ସ୍ୱକୀୟାଂକ ଆନୀଳ ନୟନର କାରା ହିଁ କବିଙ୍କ ନିମନ୍ତେ ବିରହ ମିଳନର ଅପୂର୍ବ ବନ୍ଦୀଶାଳା । କବିସମ୍ରାଟ ଓ ସନେଟ୍ସମ୍ରାଟ ଯେ ଆଦୌ ତୁଳନୀୟ ନୁହଁନ୍ତି, ଏହା ଅଭିବ୍ୟକ୍ତ କରି ଚଉଦାଳୀର ଚଂଦ୍ରମୌଳୀ ଜଣେ ପାଠିକାଙ୍କୁ ଯେଉଁ କାବ୍ୟିକ ଉତ୍ତର ପ୍ରଦାନ କରନ୍ତି, ସେହି ନମ୍ରାଭିବ୍ୟକ୍ତିଟି ନିମ୍ନରେ ପ୍ରଦାନ କରାଗଲା ।

"ସେ କୋଟିବ୍ରହ୍ମାଂଡ଼ର ଆକାଶ
ମୁଁ ମାତ୍ରକ ମଟାଳମାଟିର ମାମୁଲି ଘାସ ।"

କବି ଗିରିଜା କୁମାରଙ୍କର ଅଭିବ୍ୟକ୍ତି ମଧ୍ୟରେ କବିକୁଳାଗ୍ରଜଙ୍କ ନିମନ୍ତେ ଅପରିସୀମ ଭକ୍ତି ନିହିତ ଥିଲେ ହେଁ, ସେ ଯେ ମଟାଳମାଟିର ମାମୁଲି ଘାସ ନୁହଁନ୍ତି ବରଂ ଆମ ସାଂସ୍କୃତିକ ମାଟିମଟାଳର କର୍ଷଣ ମଧ୍ୟରୁ କନକସନେଟ୍ର ସ୍ୱର୍ଣ୍ଣିମ ଶସ୍ୟ ଉତ୍ପାଦନକାରୀ କବି ତଥା ପାଠକ ହୃଦ ସିଂହାସନରେ ଆରୂଢ଼ ସନେଟ୍ସମ୍ରାଟ ଏହା ଅବଶ୍ୟ ସ୍ୱୀକାର କରିବା ନିମନ୍ତେ ହେବ ।

**ସହାୟକ ଗ୍ରନ୍ଥସୂଚୀ :**


୧. ନୀଳ ନିର୍ବାଣ - କବି ଗିରିଜା କୁମାର ବଳୀୟାରସିଂହ, ପ୍ରକାଶକ - କାହାଣୀ, ପଂଚମ ସଂସ୍କରଣ, ୨୦୧୨ ।
୨. ପ୍ରେମ ସୁଧାନିଧି - କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ - ସଂପାଦନା - ଡକ୍ଟର ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ- ତୃତୀୟ ସଂସ୍କରଣ - ୨୦୧୫ ।
୩. ଅବକାଶ ଚିନ୍ତା - ପଣ୍ଡିତ ଗୋପବନ୍ଧୁ ଦାସ - ଗୋପବନ୍ଧୁ ସାହିତ୍ୟ ମନ୍ଦିର, ନୂତନ ସଂସ୍କରଣ - ୨୦୧୨ ।
୪. ମାନସିଂହ ଗ୍ରନ୍ଥାବଳୀ - ପ୍ରଥମ ଖଣ୍ଡ - ଗ୍ରନ୍ଥମନ୍ଦିର, ତୃତୀୟ ପରିମାର୍ଜିତ ସଂସ୍କରଣ - ୧୯୯୭ ।
୫. ନନ୍ଦକିଶୋର ଗ୍ରନ୍ଥାବଳୀ - ପ୍ରକାଶକ - ଶ୍ରୀ ହେମନ୍ତ କିଶୋର ବଳ, ଶ୍ରୀ ବସନ୍ତ କିଶୋର ବଳ, ପ୍ରଥମ ସଂସ୍କରଣ- ୨୦୦୦ ।
୬. ମହାଦୀପ - କବି କାଳିନ୍ଦୀ ଚରଣ ପାଣିଗ୍ରାହୀ
୭. ସାହିତ୍ୟ ସାଧକ ଫକୀରମୋହନ - ଶ୍ରୀ ଚିନ୍ତାମଣି ଦାଶ - ଓଡ଼ିଶା ବୁକ୍ ହାଉସ୍, ପ୍ରଥମ ସଂସ୍କରଣ - ୧୯୬୩ ।



ବିଭାଗୀୟ ମୁଖ୍ୟ (ଓଡ଼ିଆ ବିଭାଗ)
ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ